## ସଂକ୍ଷେପରେ

### ନୂଆ ଜିଲାପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ବରିଷ୍ଠ ନାଗରିକ

ଗୁଣପୁର,୩୧।୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲାପାଳ ମନୋଜ ସତ୍ୟବାନ ମହାଜନ ବୁଧବାର ଦାୟିତ୍ୱ ଗ୍ରହଣ କରିବା ପରେ ଗୁଣପୁରର ନାଗରିକ କମିଟି ତାଙ୍କ କାର୍ଯ୍ୟାଳୟଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ନାଗରିକ କମିଟିର ବ୍ରହ୍ମାନନ୍ଦ ପଟ୍ଟନାୟକ, ଅକ୍ଷୟ ଦାସ, ଭାଗିରଥୀ ବିଶୋୟୀ, ରମେଶ ଚନ୍ଦ୍ର ଲିମା, ମେଘନାଦ ଚୌଧୁରୀ ପ୍ରମୁଖ ଜିଲାପାଳଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ। ସମସ୍ତେ ମିଳିମିଶି ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଜିଲାପାଳ ସହଯାଗ କାମନା କରିଥିଲେ । ଏଥିସହ ନାଗରିକ କମିଟି ଜିଲା ଆରକ୍ଷୀ ଅଧିକ୍ଷକ ହରିଶ ବି.ସିଙ୍କୁ ମଧ ଭେଟି ଅଭିନନ୍ଦନ ଜଣାଇଥିଲେ । ଗୁଣପୁର ଟ୍ରାଫିକ ସହ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

### ଅଟୋ ସହ ଗଞ୍ଜେଇ ଜବତ

ଗୋଷାଣୀ, ୩୧।୧(ପ୍ରଶାନ୍ତ କୁମାର ରାଉତ)

ଗଜପତି ଜିଲା ଗୋଷାଣି ବ୍ଲକ ଗାରବନ୍ଧ ଥାନା ପକ୍ଷରୁ ବୁଧବାର ପାଟ୍ରୋଲିଂ କରୁଥିବା ସମୟରେ ରମ୍ଭା-ଲିଙ୍ଗିପୁର ରାସ୍ତା ଅନ୍ତର୍ଗତ ଆମ୍ୱାଝରୀ-କଳାପାଣି ଗ୍ରାମ ନିକଟରେ ଏକ ଅଟୋରୁ ପୋଲିସ ୩୩କିଲୋ ଗଞ୍ଜେଇ ଜବତ କରିଛି। ଗାରବନ୍ଧ ଥାନା ଅଧିକାରୀ ରୀନାରାଣି ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା।

# ସ୍ଥାୟୀ ମଣ୍ଡି ନାହିଁ, ଆର୍‌ଏମ୍‌ସି ପାଇଁ ମିଲର ଭରସା

ରାୟଗଡ଼ା,୩୧।୧(ଆଶିଷ ରଞ୍ଜନ ପଣ୍ଡା)




- ୪୬ ବର୍ଷର ଆରଏମ୍‌ସିରେ ଭିତ୍ତିଭୂମି ଅଭାବ
- ରାୟଗଡ଼ାରେ ୮ ଅସ୍ଥାୟୀ, ୩ ସ୍ଥାୟୀ ମଣ୍ଡି
- ଫେଲ୍ ମାରିଛି ଧାନ ମଣ୍ଡି ପରିଚାଳନ

ରାୟଗଡ଼ା ଜିଲାରେ ୪୬ ବର୍ଷ ହେଲା ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ରହିଥିଲେ ମଧ ଭିତ୍ତିଭୂମିର ଅଭାବ ଯୋଗୁ ମଣ୍ଡି ପାଇଁ କୌଣସି ସୁବ୍ୟବସ୍ଥା ହୋଇପାରିନାହିଁ । ଫଳରେ ଜିଲାରେ ଧାନ ମଣ୍ଡି ପରିଚାଳନା ଏକ ପ୍ରକାର ଫେଲ୍ ମାରିଛି । ସରକାରଙ୍କ ଘୋଷିତ ସୁବିଧାରୁ ବଞ୍ଚିତ ହେଉଛନ୍ତି ଚାଷୀ। ସରକାରଙ୍କ ଘୋଷଣା କେବଳ ଘୋଷଣାରେ ସୀମିତ ରହିଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ରାୟଗଡ଼ା ଜିଲାରେ ୧୯୭୮ରେ ନିୟନ୍ତ୍ରିତ ବଜାର କମିଟି ରହିଛି। ଜିଲାରେ ଧାନ ଓ କପା ମଣ୍ଡି ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳନା ହେଉଛି । ଗୁଣପୁର ଆରଏମସି ଅଧୀନରେ ରହିଛି ଗୁଣପୁର, ପଦ୍ମପୁର, ଗୁଡ଼ାରୀ, ରାମନାଗୁଡ଼ା, ଚନ୍ଦ୍ରପୁର, ମୁନିଗୁଡ଼ା ଓ ବିଷମକଟକ ବ୍ଲକ। ସେହିପରି ରାୟଗଡ଼ା ଅଧୀନରେ କଲ୍ୟାଣସିଂହପୁର, କାଶୀପୁର, କୋଲନରା ଏବଂ ରାୟଗଡ଼ା ବ୍ଲକ ରହିଛି। ରାୟଗଡା ଆରଏମସି ଦ୍ୱାରା ୧୧ଟି ମଣ୍ଡି ପରିଚାଳନା ଦାୟିତ୍ୱ ରହିଥିଲେ ମଧ ଭିତ୍ତିଭୂମି ଅଭାବରୁ କେବଳ ୩ଟି ମଣ୍ଡି ରାୟଗଡ଼ା, ଲେକାପାଇ ଏବଂ ବୁଡ଼ାଗୁଡ଼ାକୁ ଛାଡ଼ିଲେ ଅନ୍ୟ ୮ଟିରେ ନିଜସ୍ୱ ମଣ୍ଡି ନାହିଁ, କିମ୍ୱା ଗୋଦାମର ବ୍ୟବସ୍ଥା ନାହିଁ। ଚାଷୀଙ୍କଠାରୁ ଧାନ କିଣାଯିବା ପରେ ଗଚ୍ଛିତ ରଖିବା ପାଇଁ ଆରଏମସି ବିଭାଗ ପକ୍ଷରୁ କୌଣସି ସୁବିଧା କରାଯାଇନାହିଁ। ସ୍ଥାୟୀ ମଣ୍ଡି ନ ଥିବାରୁ ଆରଏମସି ପାଇଁ କେବଳ ମିଲର ହିଁ ଭରସା ପାଲଟିଛନ୍ତି। ଚାଷୀଙ୍କଠାରୁ ଧାନ କିଣାଯିବା ପରେ ତାହା ଆରଏମସି ଗୋଦାମରେ ରଖାଯିବା ବଦଳରେ ମିଲର ନେଇ ରଖୁଛନ୍ତି। ମିଲରଙ୍କ ଦୟାରେ ଏକପ୍ରକାର ଏହି ବିଭାଗ ଚାଲିଛି। ଏଭଳିକି ରାୟଗଡା ଆରଏମସି କାର୍ଯ୍ୟାଳୟ ପରିସରରେ ଯେଉଁ ଗୋଦାମ ରହିଛି ତାହା ନାମକୁ ମାତ୍ର କେବଳ ରହିଛି। ସେହି ଗୋଦାମ କେବେ ମଧ ବ୍ୟବହାର ହେଉନାହିଁ। ବିରାଟ ଅଞ୍ଚଳରେ ଏହାର ନିର୍ମାଣ କରାଯାଇଥିଲେ ମଧ ଦୂରଦୃଷ୍ଟି ଅଭାବରୁ ତାହା ବ୍ୟବହାର ହେଉନାହିଁ। ଏଭଳିକି ବନ୍ୟା, ବାତ୍ୟା ସମୟରେ ମଧ ଫସଲ ସଂରକ୍ଷଣ ହୋଇପାରୁନାହିଁ। ଅନ୍ୟପଟେ ରାୟଗଡ଼ା ମାର୍କେଟୟାର୍ଡ ବର୍ତ୍ତମାନ ଲକ୍ଷ୍ମୀ ବସ୍ ପାର୍କିଂ ସ୍ଥଳୀ ପାଲଟିଛି। ଏବେ ଧାନ ସଂଗ୍ରହ ଋତୁ ଚାଲିଥିବା ବେଳେ ଗୋଦାମ ଅଞ୍ଚଳ ଖାଲି ପଡ଼ିଥିବା ଏକ ବିରାଟ ପ୍ରଶ୍ନ ସୃଷ୍ଟି କରିଛି। ଏଭଳିକି ୮ଟି ଅସ୍ଥାୟୀ ମଣ୍ଡିଗୁଡିକରେ ଧାନ ଏକାସହିତ ଓଜନ କରିବା ସୁବିଧା ବି ନାହିଁ। ତେଣୁ ଚାଷୀ ମଣ୍ଡିକୁ ଧାନ ନ ଆଣି ସିଧା ମିଲରଙ୍କ ନିକଟକୁ ନେଉଛନ୍ତି। ଆଉ ମଣ୍ଡିରେ କେତେ ଧାନ ବିକ୍ରି ହେଲା ତାହାର ରସିଦ କଟାଯାଉଛି। ଏହାର ସମସ୍ତ ପ୍ରମାଣ ମଣ୍ଡିରେ ଲାଗିଥିବା ସିସିଟିଭି କ୍ୟାମେରାରେ ରହିଛି। ବାର୍ଷିକ ପ୍ରାୟ ୫୦ ଲକ୍ଷରୁ ଅଧିକ ଟଙ୍କା ମଣ୍ଡି ପରିଚାଳନା ପାଇଁ ଖର୍ଚ୍ଚ ହେଉଛି। ଗତବର୍ଷ ଖରିଫ ମଣ୍ଡି ସମୟରେ ୪୫ ଲକ୍ଷ ୬୭ ହଜାର ୭୦୪ ଟଙ୍କା ଖର୍ଚ୍ଚ ହୋଇଥିଲା। ରବି ମଣ୍ଡିରେ ମଧ ୧୦ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି। ହେଲେ ମଣ୍ଡିରେ କୌଣସି ସୁବ୍ୟବସ୍ଥା କରାଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆରଏମସି ସମ୍ପାଦକ ବିପିନ ସ୍ୱାଇଁଙ୍କୁ ପଚାରିବାରୁ କହିଛନ୍ତି ଯେ, ଭିତ୍ତିଭୂମି ପାଇଁ ଆମେ ସରକାରଙ୍କୁ ବହୁବାର ଅବଗତ କରିଛୁ । ସରକାର ଅନୁଦାନ ଦେଲେ ନିର୍ମାଣ କରାଯିବ। ହେଲେ କିଛି ସ୍ଥାନରେ ସରକାରୀ ଜାଗା ମିଳୁ ନ ଥିବା ସେ ସୂଚନା ଦେଇଛନ୍ତି । ତେଣୁ ସରକାର ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଗୁରୁତ୍ୱ ଦେଇ ଜିଲାର ସମସ୍ତ ମଣ୍ଡିରେ ଭିତ୍ତିଭୂମି ବିକାଶ କରିବାକୁ ଚାଷୀ ମହଲରେ ଦାବି ହୋଇଛି ।

# ରାୟଗଡ଼ା ନୂଆ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

ରାୟଗଡ଼ା,୩୧।୧(ଆଶିଷ ରଞ୍ଜନ ପଣ୍ଡା)


ମନୋଜ ସତ୍ୟବାନ ମହାଜନ

ରାୟଗଡ଼ାରେ ନୂତନ ଜିଲାପାଳ ଭାବେ ମନୋଜ ସତ୍ୟବାନ ମହାଜନ ବୁଧବାର କାର୍ଯ୍ୟରେ ଯୋଗଦାନକରି ଦାୟିତ୍ୱ ଗ୍ରହଣ କରିଛନ୍ତି । ବୁଧବାର ଭାରପ୍ରାପ୍ତ ଜିଲାପାଳ ତଥା ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କଠାରୁ ମନୋଜ ସତ୍ୟବାନ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ନୂତନ ଜିଲାପାଳଙ୍କୁ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରଇତଙ୍କ ସମେତ କାର୍ଯ୍ୟାଳୟ ସେକ୍ସନ ଅଫିସର, ବିଭାଗୀୟ ଅଧିକାରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, କର୍ମଚାରୀ ସଂଘ କର୍ମକର୍ତ୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱାଗତ କରିଥିଲେ। ପୂର୍ବତନ ଜିଲାପାଳ ସ୍ୱାଧାଦେବ ସିଂଙ୍କ ନୟାଗଡ ଜିଲାପାଳ ଭାବେ ବଦଳି ହେବାପରେ ଗତ କିଛିଦିନ ହେଲା ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଜିଲାପାଳ ଦାୟିତ୍ୱ ତୁଲାଉଥିଲେ । ମନୋଜ ସତ୍ୟବାନ ଏହା ପୂର୍ବରୁ ସୁନ୍ଦରଗଡ଼ ଜିଲା ପରିଷଦ ମୁଖ୍ୟ ବିକାଶ ଅଧିକାରୀ ରୂପେ କାର୍ଯ୍ୟ ସମ୍ପାଦନ କରି ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ। ରାୟଗଡ଼ାରେ ଯୋଗଦାନ ପରେ ସାମଗ୍ରିକ ବିକାଶ ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ ମନୋଜ ସତ୍ୟବାନ କହିଛନ୍ତି।

# ଆତ୍ମରକ୍ଷା ତାଲିମ ନେଲେ ଛାତ୍ରୀ


ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେଉଛନ୍ତି।

ଗୁଣପୁର, ୩୧।୧(ପ୍ରଦୀପ କୁମାର ପାଢ଼ୀ)

ରାମନାଗୁଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ଅଧକ୍ଷ ଗୌରୀ ପ୍ରସାଦ ପଣ୍ଡା ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ନାରୀ ସଶକ୍ତୀକରଣ କରି ଦେଶର ନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ । ମାଷ୍ଟର ଟ୍ରେନର ସୁଶ୍ରୀ ପ୍ରୀତୀଶପ୍ରଦା ରାଉତରାୟ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କ୍ରୀଡ଼ା ଶିକ୍ଷକ ଚନ୍ଦନ କୁମାର ଲିମାଲା ୧୦ ଦିନ ଧରି ସମସ୍ତ ପ୍ରକାର ସହାୟତା ପ୍ରଦାନ କରିଥିଲେ। ଇଂଲିଶ ଶିକ୍ଷକ ପ୍ରଫୁଲ୍ଲ କୁମାର ଲିମାଙ୍କ ଆତ୍ମରକ୍ଷା ଦିଗ୍‌ଦର୍ଶନ ଛାତ୍ରୀମାନଙ୍କୁ ଅନୁପ୍ରାଣିତ କରିଛି । ସୁମନ୍ତି ଶବର ମଞ୍ଚ ପରିଚାଳନା କରିଥିବାବେଳେ ଶ୍ରୀୟା ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ । ସୁଭଦ୍ରା ବାଗ ଉକ୍ତ ସଭାରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କନ୍ୟକା ପରମେଶ୍ୱରୀ ମନ୍ଦିରର ରୌପ୍ୟ ଜୟନ୍ତୀ

ଗୁଣପୁର, ୩୧।୧(ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁରସ୍ଥିତ କନ୍ୟକା ପରମେଶ୍ୱରୀ ମନ୍ଦିରର ୨୫ ବର୍ଷ ପୂର୍ତ୍ତି ଅବସରରେ ମନ୍ଦିର କମିଟି ତରଫରୁ ରୌପ୍ୟ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ୨ ଦିନ ଧରି ଚାଲିଥିବା ଉତ୍ସବରେ ଗୁଣୁପୁର ବୈଶ୍ୟ ସଂଘର ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗତା ଆୟୋଜନ କରାଯାଇଥିଲା। ସକାଳେ ମନ୍ଦିର ପୂଜକ ସୀତାରାମ ଶର୍ମା, ଶ୍ରୀନୁ ଶର୍ମାଙ୍କ ଦ୍ୱାରା ମାଙ୍କ ଅଭିଷେକ କରାଯିବା ସହ କୁଙ୍କୁମ ପୂଜା କରାଯାଇଥିଲା। ସନ୍ଧ୍ୟାରେ ମାଙ୍କୁ ନଗର ପରିକ୍ରମା କରାଯାଇଥିଲା। ଗୁଣପୁର ବୈଶ୍ୟ ସଂଘ କମିଟିର କର୍ମକର୍ତ୍ତା ସହଯୋଗରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା ।


ଗୁଣପୁର କନ୍ୟକା ପରମେଶ୍ୱରୀ ମନ୍ଦିରର ରୌପ୍ୟ ଜୟନ୍ତୀ ଅବସରରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି ।

# ଉତ୍କଳ ଆଲୁମିନା ପକ୍ଷରୁ ପୁଷ୍ପ ପ୍ରଦର୍ଶନୀ



ଟିକିରି,୩୧।୧ (ପ୍ରଫୁଲ କୁମାର ବେହେରା)

ଆଦିତ୍ୟ ବିର୍ଲା ଗ୍ରୁପ୍ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ ଉଜ୍ଜଳ ଉତ୍କଳ ଲେଡିଜ କ୍ଲବ ଏବଂ ଉତ୍କଳ ଆଲୁମିନାର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଓଷାପଡା ଷ୍ଟାଡିୟମରେ ତୃତୀୟ ପୁଷ୍ପ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଦକ୍ଷିଣାଞ୍ଚଳ ଡିଆଇଜି ଚରଣ ସିଂହ ମୀନା ଏବଂ ଉତ୍କଳ ଆଲୁମିନା ଓ ଆଦିତ୍ୟ ଆଲୁମିନାର ୟୁନିଟ ହେଡ୍ ତଥା ପ୍ରେସିଡେଣ୍ଟ ମଜହର ବେଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉଜ୍ଜ୍ୱଳ ଉତ୍କଳ ଲେଡିଜ କ୍ଲବ ପ୍ରେସିଡେଣ୍ଟ ହିନା ବେଗ, ୟୁନିଟ ଏଚଆର ହେଡ୍ ବିଜୟ କୁମୁରା, ହେଡ ମାଇନ୍ସ ଶ୍ରୀ ବିଜୟ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ୨୨ ପ୍ରକାର ଋତୁକାଳୀନ ଉଦ୍ଭିଦ, ୧୫ ପ୍ରକାର ଇନଡୋର ଉଦ୍ଭିଦ, ୧୫ ପ୍ରକାର ପାମ୍ ଟ୍ରି, ୧୦ ପ୍ରକାର ରସାଳ ଉଦ୍ଭିଦ, ୨୦ ପ୍ରକାର ବୋନସାଇ ଉଦ୍ଭିଦ ଏବଂ ୧୦ ପ୍ରକାରର କାକ୍ଟସ ସାମିଲ ଥିଲା। ଏହି ୩ ଦିବସୀୟ ପ୍ରଦର୍ଶନୀରେ ଏକ ସଙ୍ଗୀତ ପ୍ରଦର୍ଶନୀ ସାମିଲ ହୋଇଥିଲା । ସଙ୍ଗୀତ ଏବଂ ପ୍ରକୃତିର ସମନ୍ୱୟ ଦର୍ଶକଙ୍କ ପାଇଁ ଏକ ଶିହରଣ ସୃଷ୍ଟିକାରୀ ଅନୁଭୂତି ଆଣି ଦେଇଥିଲା।

# ସରଧାପୁର ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

ଅମ୍ବାଦଳା,୩୧।୧(ରବୀନ୍ଦ୍ର ପଣ୍ଡା)

ରାୟଗଡ଼ା ଜିଲା ଅମ୍ବାଦଳା ସହର ନିକଟ ସରଧାପୁର ପଞ୍ଚାୟତ ପରିସରରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା,ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାଧବ ମହାନନ୍ଦିଆଙ୍କ ତତ୍ତ୍ୱାବଧାନ ଓ ଗ୍ରାମ୍ୟ ରୋଜଗାର ସେବକ କମଳାକାନ୍ତ ଖୁଣ୍ଟିଆଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁନିଗୁଡା ବ୍ଲକ ଅଧକ୍ଷା ଦୁଃଖିନୀ ନୁଣ୍ଡୁକା, ମୁଖ୍ୟବକ୍ତା ଜିଲା ପରିଷଦ ଉପାଧକ୍ଷ ସନ୍ତୋଷ ସୁନା ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସମବାୟ ବ୍ୟାଙ୍କ ଲିଃର ନିର୍ଦ୍ଦେଶକ ଜଗନ୍ନାଥ ନୁଣ୍ଡୁକା, ବିଜେଡି ନେତା ଧିରେନ୍ଦ୍ର ପାଣିଗ୍ରାହୀ, ଅମ୍ବାଦଳା ଥାନାଧିକାରୀ କଳ୍ପନା ବେହେରା, ବିଷମକଟକ ଯୁବ ବିଜେଡି ଉପସଭାପତି ଜଗନ୍ନାଥ ପ୍ରସାଦ, ସମ୍ପାଦକ ଦେବୀ ପ୍ରସାଦ ମୁଖାର୍ଜୀ, ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ତରଫରୁ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚିବ ସେ ନେଇ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ତରଫରୁ ପାରମ୍ପାରିକ ଲୋକ ନୃତ୍ୟ, ଲୋକ ସଙ୍ଗୀତ, ଗୋଷ୍ଠୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ମହିଳା ସମନ୍ୱିତ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ଶେଷରେ ଅଂଶଗ୍ରହଣ କରିଥିବା କଳାକାରଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ଜିଆର୍‌ଏସ କମଳା କାନ୍ତ ଖୁଣ୍ଟିଆ ପରିଚାଳନା କରିଥିଲେ।


ଅତିଥିମାନେ ସରକାରୀ ଯୋଜନା ସମ୍ପର୍କିତ ଲିଫ୍‌ଲେଟ୍ ପ୍ରଦର୍ଶନ କରୁଛନ୍ତି।

# ମଦର ଟେରେସା ସ୍କୁଲରେ ବାର୍ଷିକ କ୍ରୀଡ଼ା



ମଶାଲ ଶୋଭାଯାତ୍ରାରେ ଛାତ୍ରୀଛାତ୍ର।

ରାୟଗଡ଼ା,୩୧।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ ମଦର ଟେରେସା ଇଂଲିଶ ମିଡିୟମ ସ୍କୁଲ ପକ୍ଷରୁ ଆରମ୍ଭ ହୋଇଥିବା ବାର୍ଷିକ କ୍ରୀଡ଼ା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସ୍କୁଲ ଫାଉଣ୍ଡର ତଥା ସଭାପତି ବି.ଶଙ୍କର ରାଓ ମୁଖ୍ୟ ଅତିଥି ଏବଂ ସମ୍ପାଦକ ବି.ସନ୍ତୋଷ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଦିନରେ ମଝିଘରିଆଣୀ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରାରେ ସହର ପରିକ୍ରମା କରି କସ୍ତୁରୀନଗରସ୍ଥିତ ବିଦ୍ୟାଳୟ ପ୍ରାଙ୍ଗଣ ପଡ଼ିଆରେ ବାର୍ଷିକ କ୍ରୀଡ଼ା ଉତ୍ସବ ଆୟୋଜିତ ହୋଇଥିଲା । ସ୍କୁଲର ଅଧକ୍ଷ ଜେ.ସି.ଏଚ୍.ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବକୁ ଉପାଧକ୍ଷ କେ.ଏସ୍.ଏନ୍. ଶର୍ମା ଏବଂ ଆଡମିନ ଅଫିସର ପ୍ରମୋଦ କୁମାର ଲିମା ପରିଚାଳନା କରିଥିଲେ । କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଖୋଖୋ, ମ୍ୟୁଜିକାଲ ଚେୟାର, କବାଡ଼ି, ଲେମନ ସ୍ପୁନ୍ ଆଦି ପ୍ରତିଯୋଗିତା ହୋଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

# ଗାୟତ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଗୁଣପୁର, ୩୧।୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଗାୟତ୍ରୀ ଫାର୍ମାସି ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଅକ୍ଷୟ ଦାସ, ନିର୍ଦ୍ଦେଶକ ସଞ୍ଜୟ ସାହୁ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସେନାପତି, ଭାଇସ୍ ପ୍ରିନ୍ସିପାଲ କାହ୍ନୁଚରଣ ପାଣିଗ୍ରାହୀ, ପ୍ରଶାସନିକ ଅଧିକାରୀ ପି.ଭି. କୋଟେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟକ୍ତିଗତ ଆମୋଦ ଏବଂ ସାମାଜିକ ଉପଯୋଗିତା ସହିତ ଜାତୀୟ ଜୀବନ ଗଠନରେ କ୍ରୀଡ଼ାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଅଧକ୍ଷ ଅକ୍ଷୟ ଦାସ ବକ୍ତବ୍ୟରେ କହିଲେ । ଜଗଦୀଶ ଖୁଣ୍ଟିଆ, ପ୍ରିୟଙ୍କା ପାଢ଼ୀ, ଅର୍ଚ୍ଚନା ଚାନ୍ଦ, ଲୋହା ବାଉରୀ, ମହାଲକ୍ଷ୍ମୀ ଦାସ, ଶାଶ୍ୱତୀ ବେହେରା, ସୁଜାତା ନାଏକ, ଅଭିଳାଷ ଦାସ, ପ୍ରବୀଣ ମିଶାଲ, ମନସ୍ୱିନୀ ବେହେରା, ତୃପ୍ତିମୟୀ ବେହେରା, ସୌମିତ୍ରୀ ସାହୁ, ରାଜୀବ ପଣ୍ଡା, ପ୍ରଫୁଲ୍ଲ ପଟ୍ଟନାୟକ, ସୋନାଲି ଦାସ, ପ୍ରଫୁଲ୍ଲ ମହାନ୍ତି, ବିଷ୍ଣୁ ରଥ, ବାବୁଲା ଦାସ,ରବି ଗୌଡ, ରାଜକୁମାର ବିଡ଼ିକା, ଏଲ୍.ଏନ୍. ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

# କ୍ଷତିପୂରଣ ଦାବିରେ ଥାନା ଘେରିଲେ ଲୋକେ

## ଦୁର୍ଘଟଣା ଘଟାଇ ଗାଡ଼ି ଫେରାର, ଜଣେ ମୃତ

ରାୟଗଡ଼ା,୩୧।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ୩୨୬ ନଂ. ଜାତୀୟ ରାଜପଥ କଡ଼ରେ ଥିବା କଡ଼ିଙ୍ଗଗୁଡ଼ା ଗ୍ରାମ ନିକଟରେ ମଙ୍ଗଳବାର ଏକ ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାର ୨୪ ଘଣ୍ଟା ବିତିଯାଇଥିଲେ ମଧ ପୋଲିସ ଉକ୍ତ ଗାଡ଼ି ଓ ଚାଳକଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଏହାର ପ୍ରତିବାଦରେ ମୃତକଙ୍କ ପରିବାରବର୍ଗ ଓ ଗ୍ରାମବାସୀ ବୁଧବାର ରାୟଗଡ଼ା ଥାନା ଘେରାଉ କରିଥିଲେ। ଏ ନେଇ ପୋଲିସ ସମ୍ପୃକ୍ତ ଗାଡ଼ି ମାଲିକଙ୍କୁ ଡାକି ମୃତକଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରିଥିଲେ। ପୋଲିସ ପକ୍ଷରୁ ଆପୋସ ଆଲୋଚନା କରାଯାଇ ମୃତକଙ୍କ ପରିବାରକୁ ୫୦ହଜାର ଟଙ୍କା କ୍ଷତିପୂରଣ ଦେବା ନେଇ ଗାଡ଼ି ମାଲିକ ରାଜିହେବାରୁ ଗ୍ରାମବାସୀ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।



ମୃତକଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ ରାୟଗଡ଼ା ଥାନା ଘେରାଉ କରିଛନ୍ତି।

ପ୍ରକାଶ ଥାଉକି, ବୁଧବାର କଡ଼ିଙ୍ଗଗୁଡ଼ା ଗ୍ରାମ ନିକଟରେ କାଶୀପୁର ମାଇକଞ୍ଚ ପଞ୍ଚାୟତ କଞ୍ଚଗୁମା ଗ୍ରାମର ଶୋଭାନନ୍ଦ ନାଏକ(୩୦) ଓ ଶାନ୍ତି ନାଏକ(୧୮) ରାୟଗଡ଼ାରେ କାମ ସାରି ନିଜ ଗାଁକୁ ଫେରୁଥିଲେ । ତେବେ କଡ଼ିଙ୍ଗଗୁଡ଼ାଠାରେ ଏକ ଟାଟା ମ୍ୟାଜିକ ଗାଡ଼ି ଧକ୍କାଦେବା ଫଳରେ ବାଇକ ଚାଳକ ଶୋଭାନନ୍ଦଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଶାନ୍ତି ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ତେବେ ଟାଟା ମ୍ୟାଜିକ ଗାଡ଼ି ବାଇକ୍‌କୁ ଧକ୍କାଦେଇ ସେଠାରୁ ଚମ୍ପଟ ମାରିଥିଲା । ଖବରପାଇ ପରିବାରବର୍ଗ ଓ ଗ୍ରାମବାସୀ ରାୟଗଡ଼ାରେ ପହଞ୍ଚି ଉକ୍ତ ଗାଡ଼ିକୁ ବହୁ ଖୋଜାଖୋଜି କରି ନ ପାଇବାରୁ ରାୟଗଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମଧ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଠାବ କରିପାରି ନ ଥିଲା । ଫଳରେ ମୃତ ଶୋଭାନନ୍ଦଙ୍କ ପରିବାରବର୍ଗ ଓ ଗ୍ରାମବାସୀ ବୁଧବାର ରାୟଗଡ଼ା ଥାନା ଘେରାଉ କରିଥିଲେ।

## ସଂକ୍ଷେପରେ

### କାର୍ଯ୍ୟରେ ଯୋଗଦେଲେ କୋରାପୁଟ ନୂତନ ଜିଲାପାଳ

**କୋରାପୁଟ, ୩୧।୧(ଅମିତାଭ ବେହେରା)**

କୋରାପୁଟ ଜିଲାପାଳଭାବେ ବୁଧବାର ଭି.କୀର୍ତ୍ତି ଭାସନ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଜିଲାର ଅନ୍ୟ ଅଧିକାରୀମାନ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପୂର୍ବତନ ଜିଲାପାଳ ଅବଦାଲ ଏମ୍ ଅଖତରଙ୍କ ଦ୍ୱାରା ନିଆଯାଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ରାଜ୍ୟସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚିବ ସେ ନେଇ ତାଙ୍କର ପ୍ରାଥମିକତା ରହିବ ବୋଲି ଜିଲାପାଳ ଭାସନ କହିଛନ୍ତି। ସେହିଭଳି ସାଧାରଣ ନିର୍ବାଚନ ୨୦୨୪ କିପରି ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସମ୍ପନ୍ନ ହେବ ସେ ଦିଗରେ ଗୁରୁତ୍ୱ ଦେଇଛନ୍ତି।

### ନୀଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

**ଜୟପୁର ୩୧।୧(ପବନ ପାଣିଗ୍ରାହୀ)**

ଜୟପୁର ସଦର ଥାନା ଅଧୀନ ନିଳାଗୁଡ଼ା ଜଙ୍ଗଲରେ ମଦ ଓ ପୋଚ ପ୍ରସ୍ତୁତି ଚାଲିଥିବା ଖବରପାଇ ବୁଧବାର ଅବକାରୀ ବିଭାଗ ଅଧିକାରୀମାନେ ଚଢ଼ାଉ କରିଛନ୍ତି। ଚଢ଼ାଉ ଖବରପାଇ ମଦ ମାଫିଆମାନେ ଚମ୍ପଟ ହୋଇଯାଇଥିଲେ। ଜୟପୁର ଅବକାରୀ ବିଭାଗ କର୍ମଚାରୀ ମଦଭାଟି ଭାଙ୍ଗିବା ସହ ୪ ଶହ ଲିଟର ପୋଚ ଓ ୬୦ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏଥିସହ ମଦରନ୍ଧା ସରଞ୍ଜାମ ଆଦିକୁ ଜବତ କରାଯାଇଥିବା ଜୟପୁର ଅବକାରୀ ଓଆଇସି ନୀଳାଦ୍ରି ବିହାରୀ ମିଶ୍ର ସୂଚନା ଦେଇଛନ୍ତି।

### ସୁନାବେଡ଼ାରେ ନୂତନ ଥାନାଧିକାରୀ

**ସୁନାବେଡ଼ା,୩୧।୧(କୃତ୍ତିବାସ ପ୍ରଧାନ)**



କୋରାପୁଟ ଜିଲା ସୁନାବେଡ଼ା ଥାନାରେ ନୂଆ ଆଇଆଇସି ଭାବେ ସତ୍ୟାନନ୍ଦ ପାତ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ କୋରାପୁଟ ଜିଲା ଜୟପୁର ଟାଉନ ଥାନାରୁ ବଦଳି ହୋଇ ଏଠାକୁ ଆସିଛନ୍ତି। ସୁନାବେଡ଼ା ଅଞ୍ଚଳରେ ଚୋରି ଡକାୟତି, ଜୁଆ ଆଡ୍ଡା, ଟ୍ରାଫିକ ସମସ୍ୟା ସହ ଅଞ୍ଚଳର ଆଇନ ଶୃଙ୍ଖଳା ଓ ଉପରେ ଦୃଷ୍ଟି ଦେବେ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ସୁନାବେଡ଼ାର ପୂର୍ବତନ ଥାନାଧିକାରୀ ରମଣୀ ରଞ୍ଜନ ଦଳେଇଙ୍କୁ ଜୟପୁର ଟାଉନ ଥାନାକୁ ବଦଳି କକରାଯାଇଛି।

### ଲକ୍ଷ୍ମୀ ପଣ୍ଡା ଛକରେ ଟ୍ରାଫିକ ଲାଇଟ୍ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ

**ଜୟପୁର, ୩୧।୧(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ଟାଉନ ଥାନା ଅଧୀନ ଲକ୍ଷ୍ମୀ ପଣ୍ଡା ଛକରେ ଟ୍ରାଫିକ ପୋଲିସ ମୁତୟନ ଓ ଟ୍ରାଫିକ ଲାଇଟ ବ୍ୟବସ୍ଥା କରିବା ପାଇଁ ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା ଚିଠି ମାଧମରେ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଟ୍ରାଫିକ ଲାଇଟ ବ୍ୟବସ୍ଥା ନାହିଁ କି ପୋଲିସ ମୁତୟନ ହୋଇ ନାହାନ୍ତି। ବିଭିନ୍ନ ସରକାରି କାଯ୍ୟାଳୟ ରହିଛି। ଉକ୍ତ ରାସ୍ତା ଦେଇ ଭାରିଯାନ ଚଳ ପ୍ରଚଳ କରୁଥିବାରୁ ସେଠାରେ ଟ୍ରାଫିକ ଲାଇଟର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ନକଲ କୋରାପୁଟ ଜିଲାପାଳ, ଏସ୍‌ପି, ଜୟପୁର ଏସ୍‌ଡିପିଓ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଠାଯାଇଛି।

### ଚନ୍ଦନବାଡ଼ ପୌର ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଜୟପୁର, ୩୧।୧ (ପବନ ପାଣିଗ୍ରାହୀ)**

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଜୟପୁରର ଚନ୍ଦନବାଡସ୍ଥିତ ସରକାରୀ ପୌର ଉଚ୍ଚ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ପାରାତନ ଛାତ୍ର କମିଟି ସଭାପତି ଲକ୍ଷ୍ମୀକାନ୍ତ ମିଶ୍ର ଓ ସମ୍ପାଦକ ଜି ନାଗାରାଜୁ ଏହି ପୁରସ୍କାର ଗ୍ରହଣ କରି ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ପୁରସ୍କାର ଶ୍ରେୟ କେବଳ ସଭାପତି ଓ ସମ୍ପାଦକଙ୍କର ନୁହଁ; ବରଂ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାତୀ ପଟ୍ଟନାୟକ, କାର୍ଯ୍ୟକାରୀ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ, ବିଦ୍ୟାଳୟର ପୁରାତନ ଶିକ୍ଷାର୍ଥୀ, ପୂର୍ବତନ ସମସ୍ତ ଶିକ୍ଷକବୃନ୍ଦ ସମପରିମାଣର ହକଦାର ଅଟନ୍ତି ବୋଲି ସଭାପତି ମିଶ୍ର କହିଛନ୍ତି । ଏହାବ୍ୟତୀତ ବିଧାୟକ ଓ ମ୍ୟୁନିସିପାଲଟି ଚେୟାରମ୍ୟାନ ସ୍କୁଲକୁ ୫-ଟିରେ ପରିଣତ କରିବାରେ ସହଯୋଗ କରିଥିବା ଯୋଗୁଁ ତଥା ପୂର୍ବତନ ଶିକ୍ଷକ ବୃନ୍ଦ ଯଥା ହରିହର କରସୁଧା ପଟ୍ଟନାୟକ, କିଶୋର ପଣ୍ଡା, ଦୁର୍ଗା ଦାଶ, ୟୁ ରାଜଶେଖର ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଭାଷା ପ୍ରୀତି, ଜଗନ୍ନାଥ ସଂସ୍କୃତି ପ୍ରତି ଆକର୍ଷଣ ଲକ୍ଷ୍ୟ

**ଝରିଗାଁ,୩୧।୧(କିଶୋର ଚନ୍ଦ୍ର ମଣ୍ଡଳ)**



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩ଦିନ ଧରି ଚାଲିଥିବା ନୂଆ-ଓ, ଓଡ଼ିଆ ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପ୍ରଥମ ପର୍ଯ୍ୟାୟରେ ଏକକ ନୃତ୍ୟ ଓ ମିଳିତ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ଶଙ୍କର କୁମାର ନାଲା, ଅଧ୍ୟାପକ ସନ୍ତୋଷ କୁମାର ଖିଲାର ଏବଂ ମନୋଜ ମହାପାତ୍ର ବିଚାରକ ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସଭାକାର୍ଯ୍ୟ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶିବପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉମରକୋଟ ପ୍ରେଣ୍ଡ୍ରାଣୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅନୀଲ କୁମାର ମିଶ୍ର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ସରୋଜକାନ୍ତ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟାର୍ଥୀଙ୍କ ମନରେ ଭାଷା ପ୍ରୀତି ଓ ଜଗନ୍ନାଥ ସଂସ୍କୃତି ପ୍ରତି ଆକର୍ଷଣ ସୃଷ୍ଟି କରିବ ବୋଲି ଅତିଥିମାନେ ମତ ଦେଇଛନ୍ତି। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। ଓଡ଼ିଆ ଅଧ୍ୟାପକ ଗୋପାଳ ମହାରଣା ସମସ୍ତ କାର୍ଯ୍ୟ ସଂଯୋଜନା କରିଥିଲେ। ଅଧ୍ୟାପିକା ତୁଷାରୀ କୁମାରୀ ପଟ୍ଟନାୟକ, ଅଧ୍ୟାପକ ଶଙ୍କର ନାଲା, ସନ୍ତୋଷ ଖିଲାର, ଗ୍ରନ୍ଥାଗାରିକ ମନୋଜ ମହାପାତ୍ର, ଖେଳ ଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ, ପ୍ରକାଶ ପଟ୍ଟନାୟକ, ସୁମିତ ପଟ୍ଟନାୟକ, ସୁମିତ ଚନ୍ଦନ ପଟ୍ଟନାୟକ, ଦିବାକର ଗୌଡ଼ ଓ ସୀମାଞ୍ଚଳ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ




ଅତିଥି ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

**କୋଡ଼ିଙ୍ଗା, ୩୧।୧(ସମରେନ୍ଦ୍ର ପଟ୍ଟନାୟକ)**

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ରାଜ ଚଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୮ରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିଖାଯାଇଥିଲା। ଅଧ୍ୟକ୍ଷା ଅମିତା ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୋଡ଼ିଙ୍ଗା ସରପଞ୍ଚ ସେବୀକା ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିଥି ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ତାଲିମ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଏବଂ ଆତ୍ମରକ୍ଷା କୌଶଳ ଗାଇଡ୍ ପ୍ରଦାନ କରାଯାଇଥିଲା। ତାଲିମ ଶିବିର ସଂଯୋଜନା ଅଧିକାରୀ ଦେବକୀ ଦିଶାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚନ୍ଦନ ଶ୍ରୀକ୍ଷେତ୍ରରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା



ଯଜ୍ଞସ୍ଥଳରେ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଉଛି।

**ଦଶମନ୍ତପୁର, ୩୧।୧ (ଅରବିନ୍ଦ ନାୟକ)**

**ଶ୍ରଦ୍ଧାଳୁ ଭିଡ଼ରେ ସିଂହାସନକୁ ଗଲେ ଶ୍ରୀଜୀଉ**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରମହକୁମାସ୍ଥିତ ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଶେଷ ହୋଇଛି। ଶେଷ ପର୍ଯ୍ୟାୟର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସିଂହାସନ ବିଜେ କରାଯାଇଥିଲା। ଏହାକୁ ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିଲା। ୨୫ ତାରିଖରୁ ଏହି ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା। ଅଷ୍ଟପ୍ରହରୀ, ନାମଯଜ୍ଞ ଓ ପୂର୍ଣ୍ଣାହୁତି କରାଯାଇଛି। ଚତୁର୍ଦ୍ଧାମୂର୍ତ୍ତି ଏବଂ ପାର୍ଶ୍ୱ ଦେବଦେବୀଙ୍କୁ ନିଜ ମନ୍ଦିରରେ ସ୍ଥାପନ କରାଯାଇଛି। ମନ୍ଦିର ସଭାପତି ନାରାୟଣ ବିଷୋୟୀ ସପତ୍ନୀକ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଓଡ଼ିଶା ର ଗୃହ ଓ କ୍ରୀଡ଼ା ଯୁବ ବିକାଶ ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଜେଡି ଜିଲା ସଭାପତି ଝିନ୍ନ ହିକ୍କା, କୌଶଲ୍ୟା ହିକ୍କା, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, କୈଳାସ ଚନ୍ଦ୍ର କୁଲେସିକା ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଏସ୍‌ଡିପିଓ ଶ୍ରାବଣୀ ନାୟକଙ୍କ ନେତୃତ୍ୱରରେ ସ୍ଥାନୀୟ ଓ ଜିଲା ପୋଲିସ ଟିମ୍ ମୁତୟନ କରାଯିବା ସହ ମନ୍ଦିର କମିଟି ସଦସ୍ୟ ଓ ଶ୍ରଦ୍ଧାଳୁ ଏଥିରେ ସହଯୋଗ କରିଛନ୍ତି।

# ଜଙ୍ଗଲ ସମ୍ବଳ ପରିଚାଳନା ତାଲିମ

**ପଟ୍ଟାଙ୍ଗି, ୩୧।୧(ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ପରିସରରେ ଥିବା ମିନି ସଭାଗୃହଠାରେ ୭ଟି ପଞ୍ଚାୟତର ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା କମିଟିର ସଦସ୍ୟଙ୍କୁ ଜଙ୍ଗଲ ସମ୍ବଳ ପରିଚାଳନା ନିମନ୍ତେ ତାଲିମ ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ମୋ ଜଙ୍ଗଲ ଜମି ଯୋଜନାରେ ଲୋକେ କିଭଳି ଅଧିକ ଲାଭବାନ ହୋଇପାରିବେ ଓ ନିଜ ନିଜ ଗୋଷ୍ଠୀ ଜଙ୍ଗଲ ଅଧିକାର ପାଇପାରିବେ ସେ ନେଇ ତାଲିମ ଦିଆଯାଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା' ଆନୁକୂଲ୍ୟରେ ଉକ୍ତ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ତାଲିମଦାତା ଭାବେ ସାଧନା କର୍ମୀ ତଥା ପରାମର୍ଶଦାତା ନିର୍ମଳ ଜ୍ୟୋତିଷ ଗୃହରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ମାଟି, ଜଳ, ଜଙ୍ଗଲକୁ କିଭଳି ବଞ୍ଚେଇ ହେବ ଓ ତା'ର ସୁରକ୍ଷା କିଭଳି ଦେଇପାରିବା ସେ ନେଇ ତାଲିମ ଦେଇଥିଲେ। ଉକ୍ତ ତାଲିମ ଦ୍ୱାରା ୪୨ଟି ଗ୍ରାମର ଲୋକେ ଜଙ୍ଗଲ ସମ୍ବଳ ପରିଚାଳନା ତଥା ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ବିକ୍ରୟ, ପୁନଃ ଜଙ୍ଗଲ ସୃଷ୍ଟି ଉପରେ ସୁଚାରୁ ରୂପେ ଗ୍ରାମବାସୀଙ୍କୁ ନେଇ ଉକ୍ତ କମିଟି କାର୍ଯ୍ୟ କରିପାରିବ ବୋଲି ସ୍ୱେଚ୍ଛାସେବୀ ସଙ୍ଗଠନର ସଂଯୋଜକ କହିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୫୦ ଜଣ କମିଟି ସଦସ୍ୟ ତାଲିମ ନେଇଥିବାବେଳେ ପର୍ଯ୍ୟାୟକ୍ରମେ ସମସ୍ତ କମିଟିର ସଦସ୍ୟଙ୍କୁ ତାଲିମ ଦିଆଯିବ ବୋଲି ସଙ୍ଗଠନ ପକ୍ଷରି କୁହାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ତ୍ରିନାଥ ଗେମେଲ , ରବୀନ୍ଦ୍ର ପଡାଲ, ଦେବ ଜୟପୁରିଆ ପ୍ରମୁଖ ସହଯୋଗ କରିଥିଲେ।

# ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

**ପଟ୍ଟାଙ୍ଗି, ୩୧।୧(ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ଦେଢ ମାସ ଧରି ଚାଲିଥିବା ନୂଆ-ଓ, ଓଡ଼ିଆ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରାମକୃଷ୍ଣ ସାମଲଙ୍କ ସଭାପତିତ୍ୱ ଏବଂ କାର୍ଯ୍ୟକ୍ରମ ସଂଯୋଜକ ସରୋଜ ରଞ୍ଜନ ଭୂୟାଁଙ୍କ ସହଯୋଗରେ ଚାଲିଥିବା ଉକ୍ତ କାର୍ଯ୍ୟକ୍ରମ ଡିସେମ୍ବର ୧୧ରୁ ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପଟ୍ଟାଙ୍ଗି ବିଧାୟକ ପିତମ ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଏଥିରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ତାଙ୍କ ଅନୁଭୂତି ସମ୍ପର୍କରେ ପଚାରି ବୁଝିଥିଲେ। ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ଶେଷ ହୋଇଥିବାରୁ ଅଧ୍ୟକ୍ଷ, ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ମୁଖ୍ୟ ଅତିଥି ଶୁଭେଚ୍ଛା ଜଣାଇ ଥିଲେ। ହଷ୍ଟେଲ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାର ୩ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଥିବା ବିଧାୟକ ଘୋଷଣା କରିଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ଅତିଥିମାନେ ଖବରଦାତାଙ୍କୁ ଉତ୍ତରୀୟ ଏବଂ ଟ୍ରଫି ପ୍ରଦାନକରି ସମ୍ମାନିତ କରିଥିଲେ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସନ୍ତୋଷୀ ମୁଣ୍ଡାଗାଡ଼ିଆ, କ୍ରୀଡ଼ାରେ ଗୋପାଳ ପାମିୟା ଓ ପାରମା ଖିଲ ଚାମ୍ପିୟନ ହୋଇଥିବାରୁ ଅତିଥି ସେମାନଙ୍କୁ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ରାଜଶ୍ରୀ ବିଶ୍ୱାଳ, ଜ୍ୟୋସ୍ନାମୟୀ ସାହୁ, ଅଧ୍ୟାପକ ଶେଷଦେବ ବାରିକ, ତ୍ରୈଲୋଚନ ରଣା, ଅଶୋକ ନାୟକ, ସୁକାନ୍ତ ଚନ୍ଦ୍ର ରାଉତରାୟ, ସୁଧାଂଶୁ ଭୂଷଣ ଜେନା, ହୃଷୀକେଶ ପ୍ରଧାନ, ସଞ୍ଜୟ ପରିଡ଼ା, ମନୋଜ ଦାସ, ଅନୀଲ ଖିଲ, ତୋଟା ପାଡିଆ ଚିନୁ ଏବଂ ଫକୀରମୋହନ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଚିକିତ୍ସା ବ୍ୟବସ୍ଥା ସହ ନୂତନ କୋଠା କାମର ସମୀକ୍ଷା

**ଜୟପୁର, ୩୧।୧ (ପବନ ପାଣିଗ୍ରାହୀ)**

**ଜିଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ଜିଲାପାଳ**

କୋରାପୁଟରେ ନୁତନ ଜିଲାପାଳ ଭାବେ ଭି.କୀର୍ତ୍ତି ଭାସନ ବୁଧବାର ଦାୟିତ୍ୱ ନେଇଛନ୍ତି। ଦାୟିତ୍ୱ ନେବାପରେ ସେ ସନ୍ଧ୍ୟାରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଜିଲାପାଳ ଭାସନ ଚିକିତ୍ସାଳୟରେ ପହଞ୍ଚି ପ୍ରତ୍ୟେକ ଓାର୍ଡ ବୁଲିବା ସହ ରୋଗୀଙ୍କୁ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ନବ ନିର୍ମିତ ଚିକିତ୍ସାଳୟ କୋଠା କାର୍ଯ୍ୟ ସମୀକ୍ଷା କରିଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ରାସ୍ତା ଓ ଗୃହ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଖିରଧର କନ୍ଦପାଣି, ସିଡିଏମ୍‌ଓ କାହ୍ନୁଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ଟ୍ରେନରେ କଟି ବୃଦ୍ଧ ମୃତ

**କୋରାପୁଟ, ୩୧।୧(ଅମିତାଭ ବେହେରା)**

କୋରାପୁଟର ସୁକୁ ବ୍ରିଜ ନିକଟରେ ବୁଧବାର ସକାଳେ ଟ୍ରେନରେ କଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। । କୋରାପୁଟ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତକଙ୍କ ପରିଚୟ ଏଯାଏ ମିଳିପାରିନାହିଁ। ସୂଚନାନୁଯାୟୀ, ବୁଧବାର ସକାଳୁ କୋରାପୁଟ ଷ୍ଟେସନର କିଛି ଦୁରରେ ଥିବା ସୁକୁ ବ୍ରିଜ ନିକଟରେ ଜଣେ ବୃଦ୍ଧଙ୍କ ମୃତଦେହ ମିଳିଥିଲା। ଟ୍ରେନ୍‌ରେ କଟି ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଲୁଙ୍ଗି ସହ ମାଟିଆ ରଙ୍ଗର ସୁଇଟର ପିନ୍ଧିଛନ୍ତି। କୋରାପୁଟ ଜିଆରପି ପୋଲିସ ମୃତଦେହ ଜବତ କରି କୋରାପୁଟ ମେଡିକାଲ କଲେଜ ବ୍ୟବଚ୍ଛେଦ ଗୃହରେ ରଖିଛନ୍ତି। ଏନେଇ ଜିଆରପି ଥାନାରେ ୪/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଥିବା କୋରାପୁଟ ଜିଆରପି ଏଏସ୍‌ଆଇ ଅମର ସେଠୀ ସୂଚନା ଦେଇଛନ୍ତି।

# ହେଉନି ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ

**ନାଲ୍‌କୋ ସହାୟତାର ୧ ବର୍ଷ ବିତିଲା**



ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

**ଦାମନଯୋଡ଼ି,୩୧।୧ (ନରସିଂହ ବ୍ରହ୍ମା)**

କୋରାପୁଟ ଜିଲା ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ପାଇଁ ନାଲ୍‌କୋ ପକ୍ଷରୁ ୫ କୋଟି ଟଙ୍କାର ସହାୟତା ଘୋଷଣା କରାଯାଇଛି। ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ୧ କୋଟି ଟଙ୍କାର ଚେକ୍ ଜିଲା ସହକାରୀ ଚିକିତ୍ସା ଅଧିକାରୀ ଅରୁଣ କୁମାର ପାଢ଼ୀଙ୍କୁ ଅଗ୍ରିମ ପ୍ରଦାନ କରିବା ସହିତ ପର୍ଯ୍ୟାୟକ୍ରମେ ଅବଶିଷ୍ଟ ଅର୍ଥ ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଇତିମଧ୍ୟରେ ୧ ବର୍ଷ ବିତିଯାଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ହେବା ତ ଦୂରର କଥା ଇଟା ଖଣ୍ଡେ ମଧ୍ୟ ଶୁଭ ଦିଆଯାଇପାରି ନାହିଁ । ନାଲ୍‌କୋ ପକ୍ଷରୁ ସହାୟତା ଘୋଷଣା କରାଯାଇଛି ଅର୍ଥ ଏହାକୁ ନିଶ୍ଚୟ ପ୍ରଦାନ କରିବ। କିନ୍ତୁ କାର୍ଯ୍ୟ କରିବା ନାଲ୍‌କୋର କ୍ଷମତା ଭିତରେ ନାହିଁ । ଏହା ସମ୍ପୂର୍ଣ୍ଣ ଭାବେ ଜିଲା ପ୍ରଶାସନର ଦାୟିତ୍ୱ ବୋଲି ନାଲ୍‌କୋର ଅଧ୍ୟକ୍ଷ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ରର କାହିଁକି ଉନ୍ନତୀକରଣ କାମ ଆରମ୍ଭ ହେଉନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ନାଲ୍‌କୋ ପକ୍ଷରୁ ଘୋଷିତ ୪ କୋଟି ଟଙ୍କା ଖର୍ଚ୍ଚ ହୋଇପାରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହ ତ୍ୱରିତ ପଦକ୍ଷେପ ଗ୍ରହଣ ପୂର୍ବକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ନଦୀଘାଟରୁ ନିଖୋଜ ମହିଳାଙ୍କ ମୃତଦେହ ଜବତ

**ନନ୍ଦପୁର,୩୧।୧(ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ସୀମାନ୍ତ ପାଛଲୁଙ୍ଗ ପଞ୍ଚାୟତର ସାରିଆପାଲି ନଦୀଘାଟରୁ ବୁଧବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ମୃତଦେହକୁ ପାଡୁଆ ପୋଲିସ ଜବତ କରିଛି। ମୃତ ମହିଳା ଜଣକ ତୋଟାଗୁଡା ଗ୍ରାମର କୌଶଲ୍ୟା ଗୁନିଆ (୨୯) ବୋଲି ଜଣାପଡିଛି। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନାଧିକାରୀ ଅଶୋକ ବିଶୋଇ ସୂଚନା ଦେଇଛନ୍ତି।କିଛିଦିନ ତଳେ ଏକ ସଡ଼କ ଦୁର୍ଘଟଣାରେ କୌଶଲ୍ୟାଙ୍କ ସ୍ୱାମୀ କାମେଶ ଖଡାଙ୍କ ମୃତ୍ୟୁ ହୋଇଥିଲା। ଫଳରେ କୌଶଲ୍ୟାଙ୍କ ମାନସିକ ସ୍ଥିତି ଭଲ ଠିକ୍ ନ ଥିବାରୁ ଗତ ୨୯ ତାରିଖ ଭୋରରୁ ୨ଛୋଟ ପୁଅ ଝିଅଙ୍କୁ ଘରେ ଛାଡ଼ି ସେ କୁଆଡେ ଚାଲି ଯାଇଥିଲେ। ଗତ ୨ଦିନ ହେଲା ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ଖବର ମିଳି ନ ଥିଲା। ବୁଧବାର ସନ୍ଧ୍ୟାରେ ସାରିଆପାଲି ନଦୀ ଘାଟରେ ତାଙ୍କର ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। କୌଶଲ୍ୟା ନଦୀ ପାର ହେବାକୁ କିମ୍ବା ଶୌଚ ହେବାକୁ ଯାଇ ପାଣିରେ ବୁଡି ମତ୍ୟୁବରଣ କରିଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି।

# ନାଲ୍‌କୋର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଦୌଡ଼ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

**ଦାମନଯୋଡ଼ି,୩୧।୧ (ନରସିଂହ ବ୍ରହ୍ମା)**

ନାଲ୍‌କୋ ଟାଉନଶିପ ସେକ୍ଟର-୩ ସ୍ଥିତ ନେତାଜୀ ଷ୍ଟାଡିୟମରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ନାଲ୍‌କୋ ସ୍ପୋର୍ଟସ ସେଲ୍ ପକ୍ଷରୁ ଅନୁଷ୍ଠିତ ଏହି କ୍ରୀଡ଼ାର ପ୍ରଥମ ଦିବସରେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଦୌଡ଼, ଲମ୍ଫଡିଆଁ, ଶଟ୍‌ପୁଟ, ଚକୋଲେଟ ଦୌଡ଼ ଆଦି ପ୍ରତିଯୋଗିତା କରାଯାଇଥିଲା। ୨୮ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ନାଲ୍‌କୋ କର୍ମଚାରୀ ଓ ପରିବାର ମହିଳାମାନଙ୍କୁ ନେଇ ୩୬ଟି ବିଭିନ୍ନ ପ୍ରକାର କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା। ନାଲ୍‌କୋ ସମୂହ ମହାପ୍ରବନ୍ଧକ ରସିଦ ୱାରିସ, ପ୍ରମୋଦ କୁମାର ବେହେରା, ଅମରେନ୍ଦ୍ର କୁମାର ମିଶ୍ର, କମଳ ଲୋଚନ ଜେନା, ପୁରୁଷୋତ୍ତମ ମହାନ୍ତ ଓ ସଞ୍ଜୟ ଗୁପ୍ତା ଅତିଥି ରୂପେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସ୍ପୋର୍ଟସ ସେଲ୍ ଅଧିକାରୀ ଅରୁଣ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାପ୍ରବନ୍ଧକ ସରୋଜ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ତଥା ରେଫରି ରମେଶ ଚନ୍ଦ୍ର ସ୍ୱାଇଁ, ନିରୋଦ କୁମାର ପ୍ରଧାନ, ନବକିଶୋର ପଣ୍ଡା ଓ ସୁଲଳନା ପ୍ରିୟଦର୍ଶିନୀ ପଣ୍ଡା କ୍ରୀଡ଼ା ପରିଚାଳନା କରିଥିଲେ। ସୂଚନା ଥାଉକି, ନାଲ୍‌କୋ ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ସରୋଜ କୁମାର ନାଥ ଓ ସ୍ପୋର୍ଟସ ସେଲ୍ ଅଧିକାରୀ ଅରୁଣ କୁମାର ମହାନ୍ତି ଉପସ୍ଥିତ ଥିଲେ।

